# ଜୟଗୁରୁ

## ନୀଳାଚଳ ସାରସ୍ୱତ ସଂଘ, ପୁରୀ

## ଶାଖା - ଆମେରିକା ସାରସ୍ୱତ ସଂଘ

### ଚତୁର୍ଥ ବାର୍ଷିକ ଅଧିବେଶନର କାର୍ଯ୍ୟସୂଚୀ

ତାରିଖ - ୦୧-୧୯-୦୮ ସମୟ -୦୭:୨୨-୧୧:୩୫ (ET) / ୧୨:୨୨-୧୬:୩୫ (GMT) ପାଳିଆ - ବିଜୟ ଭାଇ

Phone Number – (218) 936-1600, Access Code – 52924878, Backup Number – (218) 936-1600

| Time (ET) | ପ୍ରଥମ ଅଧିବେଶନ (ସକାଳ ୭:୨୨ ରୁ ୮:୪୮) | First session (7:22am - 8:48am) |
|---|---|---|
| 7:22 – 7:30 | ପ୍ରତୀକ୍ଷା (ନୂତନ ପ୍ରଭାତେ ନୂତନ ହୃଦୟେ) ଜ୍ଞାନ ଭାଇ | Pratiksha (Nutana Prabhate Nutana) Gyan Bhai |
| 7:30 – 7:45 | ଆରତି ବିଜୟ ଭାଇ | Aarati Bijoy Bhai |
| 7:45 – 8:10 | ବନ୍ଦନା (ବନ୍ଦେ ଶ୍ରୀଗୁରୁ), ସ୍ତୋତ୍ର ବନ୍ଦନା ବୃନ୍ଦାବନ ଭାଇ | Bande Shreeguru, Stotra Bandana Brundaban Bhai |
| 8:10 – 8:20 | ପରିଚୟ ପତ୍ର ଓ ସମ୍ମିଳନୀ ପ୍ରାର୍ଥନା ବିଜୟ ଭାଇ | Parichaya Patra & Sammilani Prarthana Bijoy Bhai |
| 8:20 – 8:40 | ସଂଘସେବକ ୧୩ ଭାଗ, ତୃତୀୟ ସଂଖ୍ୟା ଜ୍ଞାନ ଭାଇ<br>ପ୍ରାର୍ଥନା ଓ ପ୍ରାର୍ଥନାକାରୀଙ୍କ ପ୍ରତି | Sangha Sebak 13th year 3rd part Gyan Bhai<br>Prarthana and Prarthanakarinka Prati |
| 8:40 – 8:41 | ଶ୍ରୀ ଶ୍ରୀ ଗୁରୁଗୀତା (ଶ୍ଳୋକ ୧୦) ବିଶ୍ୱଜିତ୍ ଭାଇ | Shri Shri GuruGeeta (Verse 10) Biswajit Bhai |
| 8:41 – 8:45 | ଉପଦେଶ (ନବବର୍ଷରେ) ବ୍ରଜେନ୍ଦ୍ର ଭାଇ | Upadesha (Naba Barshare) Brajendra Bhai |
| 8:45 – 8:46 | ପରପୂଜା ନିମନ୍ତ୍ରଣ ବିଜୟ ଭାଇ | Invitation for the next session Bijoy Bhai |
| 8:46 – 8:48 | ଜୟଗୁରୁ ନାମ କୀର୍ତ୍ତନ, ପ୍ରଣାମ ଓ ଆସନ ବନ୍ଦ | Jayaguru nama kirtana and closing of aasana |

| Time (ET) | ଦ୍ୱିତୀୟ ଅଧିବେଶନ (ସକାଳ ୯:୨୦ - ୧୧:୩୫) | Second session (9:20am – 11:35pm) |
|---|---|---|
| 9:20 – 9:30 | ଆବାହନ (ଆସ ଆସ ରସରାଜ) ସ୍ମିତା ବାଇ ମା' | Aabahana (Aasa Aasa Rasaraja) Smita Bai Maa |
| 9:30 – 9:32 | ପ୍ରଣାମ ଗାନ ପରେ ପରଦା ଉନ୍ମୋଚନ | Pranama and opening of the curtain |
| 9:32 – 9:40 | ସଂଗୀତ (ଦେବ, ବନ୍ଦନା ଘେନା କର) ବୃନ୍ଦାବନ ଭାଇ | Song (Deba, Bandana Ghena Kara) Brundaban Bhai |
| 9:40 – 10:40 | ପୁସ୍ତକ ପାଠ ଓ ଆଲୋଚନା ଶ୍ୟାମ ଭାଇ | Book Reading and Discussion Shyam Bhai |
| 10:40 – 10:45 | ବାର୍ଷିକ ବିବରଣୀ ଜ୍ଞାନ ଭାଇ | Annual Report Gyan Bhai |
| 10:45 –10:50 | ସଂଗୀତ | Songs |
| 10:50 –11:20 | ଭାବ ବିନିମୟ | Bhaaba Binimaya |
| 11:20 –11:22 | ଆସନ୍ତା ସଂଘପୂଜା ପାଇଁ ନିମନ୍ତ୍ରଣ ଅଶ୍ୱିନୀ ଭାଇ<br>(୧-୨୦-୦୮) | Invitation for the next puja (1-20-08) Ashwini Bhai |
| 11:22 –11:24 | ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା ବିଜୟ ଭାଇ | Truti Bichyuti Bijoy Bhai |
| 11:24 –11:30 | ବିଦାୟ ପ୍ରାର୍ଥନା ନିବେଦିତା ମା' | Last Song Nibedita Maa |
| 11:30 –11:32 | ଜୟଗୁରୁ ନାମ କୀର୍ତ୍ତନ ଓ ଆସନ ବନ୍ଦ | Jayaguru naama kirtana and closing of aasana |
| 11:32 –11:35 | ସଂଘସେବୀଙ୍କର ଉପସ୍ଥାନ ଜ୍ଞାନ ଭାଇ | Attendance Gyan Bhai |

## ନୂତନ ପ୍ରଭାତେ ନୂତନ ହୃଦୟେ

ନୂତନ ପ୍ରଭାତେ ନୂତନ ହୃଦୟେ ପୂଜିବି ନବୀନ ପ୍ରାଣଧନେ
ନୂତନ ନୂତନ ଭକତି-ସୁମନ କରିବି ଶ୍ରୀପଦେ ଅରପଣ
ଜାଗେ ପ୍ରାଣେ ଆଜି
କେତେ ଅଭିନବ ଆଶାରାଜି ।୧।

ନବୀନ ଅନ୍ତରୁ ନବୀନ ଭାଷାର ସଙ୍ଗୀତ-ଝଙ୍କାର ପଡେ ଝରି
ନବୀନ ସେ କେଉଁ ଗୋପନ ରାଇଜୁଁ ତରୁଣବନ୍ଧୁ ସୋହାଗ ଧରି
ଦଶ ଦିଶ ଭରି
ପ୍ରେମାଲୋକେ ଆଲୋକିତ କରି ।୨।

ନବୀନ ଲଗନେ ବନ୍ଧୁ ଶ୍ରୀଚରଣେ ପ୍ରେମ-ଆଶୀର୍ବାଦ କରେ ଭିକ୍ଷା
ସେହି ପ୍ରେମେ ତାର ବିଶ୍ୱପରିବାର ସେବିବି ମାଗୁଛି ଏହି ଦୀକ୍ଷା
ବିଶ୍ୱସେବା କରି
ବାହିନେବି ମୋର ଦେହତରୀ ।୩।

ମନ୍ତ୍ରର ସାଧନ କରିବାରେ ମନ ଥିଲେ ଥାଉ ଅବା ଯାଉ ପ୍ରାଣ
ମନ୍ତ୍ରସାଧନେ ବା ଶରୀରପତନେ କରମର ହେଉ ଅବସାନ
'ଜୟଗୁରୁ' ନାମ
କରୁ ସଦା ବରାଭୟ ଦାନ ।୪।

## ଆସ ଆସ ରସରାଜ ରାସବିହାରୀ

ଆସ ଆସ ରସରାଜ ରାସବିହାରୀ, ଘେନ ଗୁହାରୀ
ହୃଦୟ ନିକୁଞ୍ଜେ ଆଜ ରାଜ ମୋହରି, ହେ ମନଚାରୀ ।୦।

ଧୋଇଦେବି ରଙ୍ଗପଦ ଚାହିଁଛି ପରା
ସାଇତିଛି ଏ ଆଖିରେ ଲୁହ ପସରା
ବସାଇବି ମରମବେଦିରେ ମୋହରି, ତୁମକୁ ବରି ।୧।

ଅହଂକାର ରୂପ ଧୂପ ପାଶେ ଜାଳିବି
ନିରଭିମାନ ଦୀପେ ଆରତି କରିବି
ପଞ୍ଚ ଇନ୍ଦ୍ରିୟ ସୁମନ ଅରଘ୍ୟ ଧରି, ଦେବି ଅଞ୍ଜଳି ।୨।

ସେନେହର ସୁବାସିତ ଶୀତ ଚନ୍ଦନେ
ଅନୁରାଗେ ଅଗୁରୁ ମିଶାଇ ଯତନେ
ଅପରୂପ ଅଙ୍ଗେ ତୁମ ଦେବି ମୁଁ ବୋଳି, ଆଦର କରି ।୩।

ସରଳତା ସୂତାରେ ମୋ ମନ କୁସୁମ
ଗୁନ୍ଥିଛି ପିନ୍ଧାଇ ଦେବି କରି ସୁଷମ
ପୀରତି ପାଦୁକା ପଦେ ଦେବି ତୁମରି, ସରାଗ ଭରି ।୪।

ଚାମର ପବନେ ପ୍ରାଣ ବାୟୁ ମିଶାଇ
ବ୍ୟଜନ କରିବି ତୁମ ମନ ମନାଇ
ସାତ୍ତ୍ୱିକ ଭାବର ଶଙ୍ଖ ଶବଦ କରି, ଦେବି ଶ୍ରୀହରି ।୫।

ଭକତିର ନୈବେଦ୍ୟ ଦେଇ ସାଦରେ
କହିବି ମନର କଥା ଆଖି ଲୁହରେ
ରଖ ଏ ଅଧମେ କିଣା କିଙ୍କର କରି, ପଦେ ତୁମରି ।୬।

## ବନ୍ଦନା ଘେନା କର

ଦେବ, ବନ୍ଦନା ଘେନା କର
ଆଜି ଏହି ଶୁଭ ମିଳନ ବାସରେ
ପ୍ରଣତି ଘେନ ଦାସର ।୦।

ମୁନି ଋଷି ବନ୍ଦ୍ୟ ସେ ପଦ-କମଳ
କେତେ ସୁକୋମଳ କାନ୍ତି ସୁମଞ୍ଜୁଳ
ଦେବତା ଗନ୍ଧର୍ବେ ସର୍ବେ ଆଜି ଠୁଳ
ବନ୍ଦିବାକୁ ସେ ପୟର ।୧।

ହୃଦୟ ପଦ୍ମେ ଶତଦଳ ପରେ
ଫୁଟି ଉଠିଅଛି ଜ୍ୟୋତି ପାରାବାରେ
ଧନ୍ୟ ହେଲା ଆଖି ହେରି ତବ ରୂପ
ଆହା ସତେ କି ମଧୁର ! ।୨।

ବନ୍ଦଇ ଆଜି ନିଖିଳ ଭୁବନ
ଶୁଭେ ବନ୍ଦନାର ସୁମଧୁର ତାନ
ଅପରୂପ ସାଜେ ସାଜିଛି ଧରଣୀ
ଘେନ ବନ୍ଦନ ତାର ।୩।

ବାଜି ଉଠୁଅଛି ମଙ୍ଗଳ ମହୁରୀ
ଶଙ୍ଖ ହୁଳହୁଳି ପଡୁଛି ଉଚ୍ଛୁଳି
'ଜୟଗୁରୁ' ନାମେ ଦିଗ ନିନାଦିତ
ନୁଆଁଉଛୁ ପଦେ ଶିର ।୪।

## ବିଦାୟ ବେଳାରେ

ବିଦାୟ ବେଳାରେ ଆଜି ପ୍ରିୟ ପଦ ତଳେ
ବେଦନା ବିଧୁର ପ୍ରାଣେ ପ୍ରଣତି ମୋ ଢାଳେ ।୧।

ପୀରତି ପରଶ ପାଇଥିଲି ଏତେ କ୍ଷଣ
ପାଶୋରି ଥିଲି ମନରୁ ତ୍ରିତାପ ଦହନ ।୨।

ଏ ପ୍ରେମ ମିଳନ ପିଠ ଛାଡି ଯିବାପାଇଁ
ସଂସାର ଡାକଇ ଏବେ ତୁହାଇ ତୁହାଇ ।୩।

ଏତେ ପ୍ରେମ ଏତେ ସୁଖ ଛାଡି ମୁଁ କିପରି
ବିଷୟ ସଂସାରେ ଯିବି ତୁମ ସ୍ମୃତି ଧରି ।୪।

ଯେବେ ଯିବି ସେ ସଂସାରେ କରେ ପଦେ ଅଳି
ଲାଖି ରହୁ ମୋ ଆଖିରେ ତୁମ ରୂପ ଶିରୀ ।୫।

ତୁମକୁ ମୂଳରେ ରଖି କରମ କରିବି
ତୁମରି ସଂସାରେ ରହି ସଂସାର କରିବି ।୬।

ଦୁନିଆର ଝଞ୍ଜା ଯେବେ ଆସିବ ଘନାଇ
ନ ଛାଡିବି ତୁମ ପାଦ ଜୟଗୁରୁ ଗାଇ ।୭।

ବିଷୟ ବିଷକୁ ଯେବେ ଏ ମନ ଧାଇଁବ
ତୁମେ ଦେଖୁଅଛ ବୋଲି ପରାଣ ବାରିବ ।୮।

ତୁମ ପାଶେ ଆସିବାକୁ ଗଣୁଥିବି ଦିନ
ତୁମ ଡାକରାକୁ ସଜ ହୋଇଥିବ ମନ ।୯।

ସକଳ ତ୍ରୁଟି ମୋହର କରି ମାରଜନ
ଦୀନନାଥ ତୁମ ପ୍ରେମେ କର ନିମଗନ ।୧୦।